**ବିଧାନସଭା ନିର୍ବାଚନର ଫଳାଫଳ – ୨୦୧୪ ଲୋକସଭା ନିର୍ବାଚନ ପାଇଁ ଏକ ପ୍ରଶସ୍ତ ଦ୍ୱାର ଉନ୍ମୁକ୍ତ କରେ ।**

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା ।**

**ତା.୦୮.୧୨.୨୦୧୩**

ଆଜି ୪ଟି ରାଜ୍ୟର ବିଧାନସଭା ନିର୍ବାଚନର ଫଳାଫଳ ଘୋଷିତ ହୋଇଅଛି । ଆମେ ବି.ଜେ.ପି ର ସମସ୍ତ ସଭ୍ୟ ଉକ୍ତ ଫଳାଫଳରେ ଖୁସି ଅଟୁ । ମଧ୍ୟ ପ୍ରଦେଶ ଯେଉଁ ରାଜ୍ୟ ଦୀର୍ଘ ଦିନ ଧରି ଅନୁନ୍ନତ ରାଜ୍ୟ ଭାବରେ ଗଣା ଯାଉଥିଲା, ତାହା କେବଳ ଶ୍ରୀ ଶିବରାଜ ସିଂହ ଚୌହାନଙ୍କ ପ୍ରଚେଷ୍ଟାରେ ଏକ ସୁଶାସନ ପୂର୍ଣ୍ଣ ତଥା ବିକାଶଶୀଳ ରାଜ୍ୟ ଭାବରେ ସମଗ୍ର ଦେଶରେ ଦୃଷ୍ଟାନ୍ତ ଯୋଗ୍ୟ ହୋଇ ପାରିଛି ତାହା କହିଲେ ଭୂଲ ହେବନାହିଁ । ଉକ୍ତ ରାଜ୍ୟରେ ପାର୍ଟି ତୃତୀୟ ଥର ପାଇଁ ବିଜୟ ଲାଭ କରି ଶାସନ ଗଢ଼ିବାର ସୁଯୋଗ ଲାଭ କରିଅଛି ।

ମଧ୍ୟ ପ୍ରଦେଶ ରାଜ୍ୟରୁ ଅଲଗା କରାଯାଇ ଯେଉଁ ସ୍ୱତନ୍ତ୍ର ରାଜ୍ୟ ଛତିଶଗଡ଼ ଗଠନ କରାଯାଇଥିଲା ସେଠାରେ ବି.ଜେ.ପି ର ସ୍ଥିତି ଆଦୌ ଦୃଢ଼ ନଥିଲା । ସେଠାରେ ମଧ୍ୟ ବି.ଜେ.ପି ତୃତୀୟ ଥର ପାଇଁ ସଫଳତା ଅର୍ଜନ କରିଅଛି । ଉକ୍ତ ଦୁଇଟି ରାଜ୍ୟରେ ୧୯୯୮ ମସିହା ପରଠାରୁ କଂଗ୍ରେସ କ୍ଷମତାରେ ଆସିନାହିଁ ।

ରାଜସ୍ଥାନରେ ବସୁନ୍ଧରା ରାଜେଙ୍କ ନେତୃତ୍ୱରେ ଉତ୍ତମ ନିର୍ବାଚନ ପ୍ରଚାର ମାଧ୍ୟମରେ ବି.ଜେ.ପି ଅପୂର୍ବ ସଫଳତା ଅର୍ଜନ କରିଅଛି । ଏଭଳି ବଡ଼ ରାଜ୍ୟରେ ୮୨% ଆସନ ହାସଲ କରିବା ବାସ୍ତବରେ ପ୍ରଶଂସନୀୟ ।

ମାତ୍ର ଦିଲ୍ଲୀରେ ଯଦିଓ ବି.ଜେ.ପି ସର୍ବାଧିକ ଆସନ ଅଧିକାର କରିଛି, ତଥାପି ବହୁମତ ହାସଲ କରି ପାରିନାହିଁ । ସେଠାରୁ ଆଉ ୫–୬ଟି ଆସନ ଆଶା କରିଥିଲୁ । ମୋର ଆମ ଆଦମୀ ପାର୍ଟି ମଧ୍ୟ ପାଇଁ ହାର୍ଦ୍ଦିକ ଅଭିନନ୍ଦନ । ପ୍ରଥମ ଥର ପାଇଁ ନିର୍ବାଚନ କ୍ଷେତ୍ରକୁ ଓହ୍ଲାଇଥିବା ପାର୍ଟି ପାଇଁ ଏଭଳି ସଫଳତା ମଧ୍ୟ ପ୍ରଶଂସାର ଯୋଗ୍ୟ । ଏସମସ୍ତ ସଫଳତା ପାଇଁ ମୁଁ ଦଳର ସଭାପତି ଶ୍ରୀ ରାଜନାଥ ସିଂହଙ୍କୁ ଓ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନେକ ଶୁଭେଚ୍ଛା ଜଣାଉଅଛି ।

ଏହା ଆମକୁ ଆଗାମୀ ଲୋକସଭା ନିର୍ବାଚନ ପାଇଁ ସହାୟତା କରିବ ବୋଲି ଆଶା କରାଯାଏ । ଯେଉଁଥିରେ ୭୨ଟି ଲୋକସଭା ପାର୍ଲିଆମେଣ୍ଟାରୀ ଆସନ ରହିଅଛି ଏବଂ କଂଗ୍ରେସ ମାତ୍ର କେତୋଟିରେ ବିଜୟ ଲାଭ କରିଅଛି । ବି.ଜେ.ପି ସେଥିରୁ ୬୫ଟି ଆସନ ପାଇଅଛି । ତେଣୁ ଆଗାମୀ ଲୋକସଭା ନିର୍ବାଚନ ମୁଖ୍ୟତଃ ବି.ଜେ.ପି ଓ କଂଗ୍ରେସ ମଧ୍ୟରେ ହିଁ ହେବ । ଏହି ୭୦% ସଫଳତା ଆଗାମୀ ନିର୍ବାଚନରେ ବିଜୟ ଲାଭ କରିବାର ପଥ ପରିଷ୍କାର କରୁଅଛି ।